# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 July – 2026

**********************************

## ମୁଖ୍ୟ ସମ୍ବାଦ

- ପ୍ରକାଶ ପାଇଲା ଚିଠା ଭୋଟର ତାଲିକା;

— ରାଜ୍ୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବାଦ୍ ପଡିଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା

- ଭିବି-ଜି.ରାମ.ଜି ଯୋଜନାରେ ରାଜ୍ୟଗୁଡ଼ିକୁ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କଲେ କେନ୍ଦ୍ର ସରକାର

- ରାଜ୍ୟବ୍ୟାପୀ ୩୧୧ଟି କେନ୍ଦ୍ରରେ ଆଜି ଅନୁଷ୍ଠିତ ହେଉଛି ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ;

— ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୫ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

## ଏସ୍ଆଇଆର

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର.ର ପ୍ରକ୍ରିୟାରେ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ ଶେଷ ହେବା ପରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏସ୍ଆଇଆର ପ୍ରକ୍ରିୟାରେ ୨୦ ଲକ୍ଷ ୧୪ ହଜାର ଭୋଟରଙ୍କୁ ବାଦ୍ ଦିଆଯାଇଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ୍ କହିଛନ୍ତି।

ଭୁବନେଶ୍ୱର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଗୋପାଳନ୍ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟର ଥିବାବେଳେ ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ଜଣ ପୁରୁଷ ଭୋଟର ଓ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଭୋଟର ରହିଛନ୍ତି। ସେହିଭଳି ୨ ହଜାର ୭୭୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ୮ ଲକ୍ଷ ୩୨ ହଜାର ମୃତ ବ୍ୟକ୍ତି, ୧୦ ଲକ୍ଷ  ୭ ହଜାର ସ୍ଥାନାନ୍ତରିତ ବା ଅନୁପସ୍ଥିତି, ୧ ଲକ୍ଷ ୫୮ ହଜାର ଏକାଧିକ ସ୍ଥାନରେ ପଞ୍ଜୀକୃତ ଓ ଅନ୍ୟ କାରଣ ପାଇଁ ୧୪ ହଜାର ଭୋଟର ତାଲିକାରୁ ବାଦ୍

ପଡିଛନ୍ତି। ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ୍ ଦେବା ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି।

**- V/O -**

ଆଜିଠାରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଚିଠା ତାଲିକା ସମ୍ବନ୍ଧୀୟ ଦାବି ଓ ଆପତ୍ତି ଗ୍ରହଣ କରାଯିବ । ଏସବୁର ଯାଞ୍ଚ ଓ ଫଇସଲା ଅଗଷ୍ଟ ମାସ ୪ତାରିଖରୁ ସେପ୍ଟେମ୍ବର ମାସ ୨ତାରିଖ ମଧ୍ୟରେ ଶେଷ ହେବା ପରେ ସେପ୍ଟେମ୍ବର ୬ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ ଏ ନେଇ ଭୋଟର ତାଲିକା ପର୍ଯ୍ୟବେକ୍ଷକ ମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି । ସୂଚନା ଅନୁସାରେ, ରାଜ୍ୟ ସରକାର ୧୦ଜଣ ବରିଷ୍ଠ ଆଇଏଏସଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକଭାବେ ନିଯୁକ୍ତି ଦେଇଛନ୍ତି ।

**ଭଦ୍ରକ** ଜିଲ୍ଲାରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ୫ଟି ନିର୍ବାଚନ ମଣ୍ଡଳୀରେ ୩୭୭ଟି ଭୋଟ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି। ଫଳରେ ମୋଟ୍ ଭୋଟ କେନ୍ଦ୍ର ସଂଖ୍ୟା ୧ ହଜାର ୭୦୩ ହୋଇଛି। ସୂଚନା ଅନୁଯାୟୀ, ମୋଟ ଭୋଟରଙ୍କ ସଂଖ୍ୟା ୧୨ ଲକ୍ଷ ୮୪ ହଜାର ୬୧୮ ନିର୍ଦ୍ଧାରିତ ହୋଇଛି।

## ଏସ୍ଆଇଆର-୨

**ବୌଦ୍ଧ** ଓ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ଏସ୍‌ଆଇଆର ପ୍ରକ୍ରିୟା ପାଇଁ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ତାଲିକା ପ୍ରକାଶ କରାଯାଇଛି। ଜିଲ୍ଲାରେ ୩ ଲକ୍ଷ ୪୧ ହଜାର ୨୬ ଜଣ ଭୋଟର ରହିଥିବାବେଳେ ଆଜି ଚିଠା ତାଲିକାରେ ୩ ଲକ୍ଷ ୨୩ ହଜାର ୩୯୪ ଜଣ ଭୋଟର ରହିଛନ୍ତି।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳ ରଘୁରାମ ଆର. ଆୟର ଚିଠା ତାଲିକା ପ୍ରକାଶ କରି କହିଛନ୍ତି, ଜିଲ୍ଲାରେ ପୂର୍ବରୁ ୧ ହଜାର ୪୪୯ଟି ମତଦାନ କେନ୍ଦ୍ର ରହିଥିବାବେଳେ ଏସ୍‌ଆଇଆର ପରେ ଏହା ବୃଦ୍ଧି ପାଇ ୧ ହଜାର ୬୪୭ରେ ପହଞ୍ଚିଛି। ଜିଲ୍ଲାରେ ପୂର୍ବରୁ ୧୨ ଲକ୍ଷ ୫୧ ହଜାର ୧୩୫ ଜଣ ଭୋଟର ରହିଥିବାବେଳେ ବର୍ତ୍ତମାନ ୧୧ ଲକ୍ଷ ୯୦ ହଜାର ୮୯୫ ଜଣ ଭୋଟର ରହିଛନ୍ତି।

## ଶିବରାଜ-ଭିବି-ଜି.ରାମ.ଜି

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଗ୍ୟାରେଣ୍ଟି ଯୋଜନା ଅନ୍ତର୍ଗତ ପ୍ରଥମ କିସ୍ତି ସ୍ୱରୂପ ରାଜ୍ୟଗୁଡ଼ିକ ପାଇଁ ୨୫ ହଜାର କୋଟି ଟଙ୍କାର ସହାୟତା ଅର୍ଥ ପ୍ରଦାନ କରିଛନ୍ତି। ଆଜି ଆଭାସୀ ଜରିଆରେ ମନ୍ତ୍ରୀ ଶ୍ରୀ ଚୌହାନ ଚଳିତ ମାସ ପହିଲାରୁ ସଫଳ ଭାବେ ଲାଗୁ ହୋଇଥିବା ଭିବି-ଜି.ରାମ.ଜି ଯୋଜନା

ପାଇଁ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଶ୍ରୀ ଚୌହାନ କହିଛନ୍ତି, ମନରେଗା ଯୋଜନା ସମ୍ପୂର୍ଣ୍ଣ ଭାବେ ଲାଗୁ କରିବା ପାଇଁ ୩ ବର୍ଷରୁ ଅଧିକ ସମୟ ଲାଗିଥିବାବେଳେ ଏହି ଯୋଜନା ଗୋଟିଏ ଦିନରେ ସାରା ଦେଶରେ ଲାଗୁ କରାଯାଇଛି।

**- V/O -**

ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷରେ ଭିବି-ଜି.ରାମ ଜି. ଯୋଜନାରେ ୨ ଲକ୍ଷ ୮୬ ହଜାର ପଂଚାୟତରେ ୭ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯିବ ବୋଲି ଶ୍ରୀ ଚୌହାନ କହିଛନ୍ତି।

ଏହି ଯୋଜନାର ପ୍ରାରମ୍ଭିକ ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଯୋଜନା ଲାଗୁ ହେବାର ପ୍ରଥମ ସପ୍ତାହରୁ ଦେଶର ଅନେକ ଗୁଡ଼ିଏ ପଂଚାୟତରେ ଗ୍ରାମୀଣ ଶ୍ରମିକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇଛି।

ଏହି ଯୋଜନା ଅଧୀନରେ ଦୈନିକ ମଜୁରୀ ୧୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ କୌଣସି ରାଜ୍ୟରେ ଦୈନିକ ମଜୁରୀ ହାର ୩୦୦ ଟଙ୍କାରୁ କମ୍ ରହିନାହିଁ। ଭିବି-ଜି.ରାମ ଜି. ଯୋଜନାରେ ପାଣ୍ଠିର ଅଭାବ ହେବ ନାହିଁ ଏବଂ ସରକାର ସ୍ୱଚ୍ଛତାର ସହ ଏହି ଯୋଜନାର କାର୍ଯ୍ୟକାରିତା ନେଇ ସବୁ ପ୍ରକାର ଉଦ୍ୟମ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି।

## ଓଟିଇଟି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆଜି ଅନୁଷ୍ଠିତ ହେଉଛି। ରାଜ୍ୟର ସମସ୍ତ ଜିଲ୍ଲାରେ ୩୧୧ଟି କେନ୍ଦ୍ରରେ ୯୭ହଜାର ୧୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଣସର

**ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି ହେବା ପରେ ଜ୍ୱରରୁ ସାମାନ୍ୟ ଉପଶମ ମିଳିଛି। ଦେବସ୍ନାନ ପୂର୍ଣ୍ଣମୀରେ ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରି ଚତୁର୍ଦ୍ଧା ବିଗ୍ରହ ଜ୍ୱରରେ ପୀଡିତ ହେବା ପରେ ଅଣସର ଘରେ ଆଜିକୁ ୬ ଦିନ ହେବ ଦଇତାପତି ଓ ପତି ମହାପାତ୍ରମାନେ ଗୁପ୍ତ ସେବା କରୁଛନ୍ତି। ଆଜି ସୁଦୁ ସୁଆରଙ୍କ ଘରୁ ଆସିଥିବା ଓଷ ମହାପ୍ରଭୁଙ୍କୁ ଲାଗି କରାଯିବ। ମଧ୍ୟାହ୍ନ ଧୂପନୀତି ସରିବା ପରେ ବେହରଣ ଦ୍ୱାର ଦେଇ ଦଇତାପତି ପ୍ରବେଶ କରି ଓଷ ଲାଗି କରୁଛନ୍ତି। ଶ୍ରୀମନ୍ଦିର ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଆୟୁର୍ବେଦ ପଦ୍ଧତିରେ ଶ୍ରୀଜୀଉଙ୍କ ଚିକିତ୍ସା କରାଯାଉଛି।

## ବନ ମହୋତ୍ସବ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦେବଗଡ଼ ବନଖଣ୍ଡ ପକ୍ଷରୁ ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପରିବେଶର ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ସବୁଜ ପରିବେଶ ସୃଷ୍ଟି ପାଇଁ ଚାରା ରୋପଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଦେବଗଡ଼ ବନଖଣ୍ଡ ଅଧିକାରୀ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।

## ଧାନ ସଂଗ୍ରହ

**ନୂଆପଡା** ଜିଲ୍ଲାର ସମସ୍ତ ଧାନମଣ୍ଡିରେ ଚାଷୀଙ୍କଠାରୁ ଶତପ୍ରତିଶତ ଧାନ କ୍ରୟ ହୋଇଥିବା ଜଣାପଡିଛି । ନୂଆପଡା ବିଧାୟକ ଜୟ ଢୋଲକିଆ ରବି ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଥିବା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି ।  ଶ୍ରୀ ଢୋଲକିଆ କହିଛନ୍ତି, ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ ସମସ୍ୟା ଦେଖାଦେଇଥିଲେ ମଧ୍ୟ ସେଗୁଡ଼ିକର ସଫଳ ସମାଧାନ ହେବା ସହ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇ ଦେୟ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଜିଲ୍ଲାରେ ୯ ଲକ୍ଷ ୭୮ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୯ ଲକ୍ଷ ୬୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗ ୫୦ କିଲୋମିଟର ଦୂରରେ ଅବପାତ ସୃଷ୍ଟି ହୋଇଛି। ଚାନ୍ଦବାଲିର ଉତ୍ତର-ପୂର୍ବଠାରୁ ୬୦ କିଲୋମିଟର ଦୂରରେ ଏହା କେନ୍ଦ୍ରୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି।

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳ ବାଲେଶ୍ୱର ନିକଟ ଚାନ୍ଦବାଲି ଓ ଦୀଘା ମଧ୍ୟରେ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୨୫ଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଖଜୁରିଆପଡାରେ ସର୍ବାଧିକ ୨୭୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ବର୍ଷା ସମ୍ପର୍କରେ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି:

**-V/O-**

**ନୂଆପଡ଼ା** ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ଖାଲୁଆ ସ୍ଥାନରେ ବର୍ଷା ପାଣି ଜମି ରହିଛି। କେତେକ ସ୍ଥାନରେ ସଡକ ଉପରେ ଦୁଇ-ତିନି ଫୁଟର ବର୍ଷା ଜଳ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।